# Joint Press Release of the 12th meeting of the India-Australia Joint Working Group on Counter-Terrorism

December 17, 2020

## ଆତଙ୍କବାଦର ମୁକାବିଲା ଉପରେ ଭାରତ-ଅଷ୍ଟ୍ରେଲିଆ ମିଳିତ କାର୍ଯ୍ୟକାରିଣୀ ଦଳର ଦ୍ୱାଦଶ ବୈଠକ ଅବସରରେ ମିଳିତ ପ୍ରେସ ବିଜ୍ଞପ୍ତି

ଡିସେମ୍ବର 17, 2020

ଆତଙ୍କବାଦର ମୁକାବିଲା ଉପରେ ଭାରତ-ଅଷ୍ଟ୍ରେଲିଆ ମିଳିତ କାର୍ଯ୍ୟକାରିଣୀ ଦଳର ଦ୍ୱାଦଶ ବୈଠକ 17 ଡିସେମ୍ବର 2020 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଥିଲା। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ମୁକାବିଲା ପାଇଁ ଯୁଗ୍ମ ସଚିବ ଶ୍ରୀ ମହାବୀର ସିଂଘଭୀ ଏବଂ ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗର ଆନ୍ତର୍ଜାତୀୟ ସୁରକ୍ଷା, ମାନବିକତା ଏବଂ ଦୂତାବାସ ସମୂହ ଉପ ସଚିବ ଶ୍ରୀ ଟୋନି ଶୀହାନ ନିଜ ବିଶେଷଜ୍ଞ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ ଏବଂ ଦୁଇ ଦେଶ ମଧ୍ୟରେ ଆତଙ୍କବାଦର ମୁକାବିଲା ପାଇଁ ଚାଲିଥିବା ସହଯୋଗ ଉପରେ ଆଲୋଚନା କରିଥିଲେ।

4 ଜୁନ 2020 ରେ ଅନୁଷ୍ଠିତ ଲିଡର୍ସ ଭର୍ଚୁଆଲ୍ ସମ୍ମିଳନୀରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ବିସ୍ତୃତ ରଣନୀତିକ ଭାଗିଦାରୀ ଉପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ମୋରିସନଙ୍କ ମିଳିତ ବିବୃତ୍ତି ଅନୁସାରେ ଆତଙ୍କବାଦର ମୁକାବିଲା ପାଇଁ ସମନ୍ୱୟ ରକ୍ଷା ତଥା ସହଯୋଗ କରିବାକୁ ଉଭୟ ପକ୍ଷ ନିଜର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥିଲେ।

ଆତଙ୍କବାଦର ସମସ୍ତ ରୂପ ଏବଂ ଆକାରକୁ ଭାରତ ଏବଂ ଅଷ୍ଟ୍ରେଲିଆ ଦୃଢ ନିନ୍ଦା କରିବା ସହିତ ଏହାର ବ୍ୟାପକ ତଥା ସ୍ଥାୟୀ ଢଙ୍ଗରେ ମୁକାବିଲା କରିବା ପାଇଁ ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସୀମାପାର ଆତଙ୍କବାଦ ପାଇଁ ପରୋକ୍ଷ ଭାବେ ଆତଙ୍କବାଦୀଙ୍କ ବ୍ୟବହାରକୁ ଉଭୟ ପକ୍ଷ ନିନ୍ଦା କରିଥିଲେ।

ମିଳିତ ଜାତିସଂଘ ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଦ୍ୱାରା ଉପୁଜିଥିବା ବିପଦକୁ ଉଭୟ ପକ୍ଷ ସମୀକ୍ଷା କରିଥିଲେ ଏବଂ ସମସ୍ତ ଆତଙ୍କବାଦୀ ନେଟୱାର୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ଏକ ଉପକରଣ ଭାବରେ ଆତଙ୍କବାଦୀ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକ ଉପରେ ପ୍ରତିବନ୍ଧ ଲଗାଇବାକୁ ନେଇ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

ଆତଙ୍କବାଦୀ ଆକ୍ରମଣ ପାଇଁ ନିଜ ନିୟନ୍ତ୍ରଣରେ ଥିବା କୌଣସି ଅଞ୍ଚଳ ବ୍ୟବହାର ନହେବା ଏବଂ ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର ଦଣ୍ଡ ଦେବା ପାଇଁ ଭାରତ ଏବଂ ଅଷ୍ଟ୍ରେଲିଆ ତୁରନ୍ତ, ନିରନ୍ତର, ଯାଞ୍ଚଯୋଗ୍ୟ ଏବଂ ଅପରିବର୍ତ୍ତନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। 26/11 ମୁମ୍ବାଇ ଆକ୍ରମଣ, ପଠାଣକୋଟ ଏବଂ ପୁଲୱାମା ସମେତ ଭାରତରେ ହୋଇଥିବା ଅନ୍ୟ ଆତଙ୍କବାଦୀ ଆକ୍ରମଣକୁ ଅଷ୍ଟ୍ରେଲିଆ ନିନ୍ଦା କରିଛି ଏବଂ ଆତଙ୍କବାଦ ବିରୋଧରେ ଲଢେଇରେ ଭାରତର ଲୋକ ତଥା ସରକାରଙ୍କୁ ସମର୍ଥନ ଜଣାଇଛି।

ଆତଙ୍କବାଦର ମୁକାବିଲା ତଥା ହିଂସାତ୍ମକ ଉଗ୍ରବାଦର ବିରୋଧ କରିବା, ଆତଙ୍କବାଦକୁ ଆର୍ଥିକ ସହାୟତାର ରୋକିବା, ଆତଙ୍କବାଦ ତଥା ହିଂସାତ୍ମକ ଉଗ୍ରବାଦ ପାଇଁ ଇଣ୍ଟରନେଟର ବ୍ୟବହାରକୁ ରୋକିବା, ଆଇନ ପ୍ରବର୍ତ୍ତନରେ ସହଯୋଗ, ସୂଚନା ଆଦାନ ପ୍ରଦାନ ଏବଂ ଦକ୍ଷତା ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ନେଇ ଭାରତ ଏବଂ ଅଷ୍ଟ୍ରେଲିଆ ମତ ବିନିମୟ କରିଥିଲେ। ଆତଙ୍କବାଦର ମୁକାବିଲା କ୍ଷେତ୍ରରେ କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ସମସ୍ୟାଗୁଡିକର ମୁକାବିଲା ପାଇଁ ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଆତଙ୍କବାଦର ମୁକାବିଲା କ୍ଷେତ୍ରରେ ପାରସ୍ପର ମଧ୍ୟରେ କଥାବାର୍ତ୍ତା, ସହଯୋଗ ଏବଂ ସୂଚନା ଆଦାନପ୍ରଦାନକୁ ଆଗକୁ ବଢାଇବା ପାଇଁ ନିଜ ପ୍ରତିପକ୍ଷ ସଂସ୍ଥା ମଧ୍ୟରେ ଯୋଗାଯୋଗକୁ ଆହୁରି ଗଭୀର କରିବାର ଉପାୟ ଉପରେ ଆଲୋଚନା କରିଥିଲେ।

ମିଳିତ ଜାତିସଂଘ, ଜି-20, ଜିସିଟିଫ, ଏଆରଏଫ, ଆଇଓଆରଏ ଏବଂ ଏଫଏଟିଏଫ ଭଳି ବହୁପକ୍ଷୀୟ ମଞ୍ଚରେ ତଥା ଅଷ୍ଟ୍ରେଲିଆ-ଭାରତ-ଜାପାନ-ଆମେରିକା ବିଚାର ବିମର୍ଷରେ ଆତଙ୍କବାଦର ମୁକାବିଲାକୁ ନେଇ ସହଯୋଗ ଏବଂ ଏହି ସହଯୋଗକୁ ଆହୁରି ଆଗକୁ ବଢାଇବା ପାଇଁ ଉଭୟ ପକ୍ଷ ଆଲୋଚନା କରିଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର 17, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.